सत्यमेव जयते

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ
ଭାରତ ସରକାର

# ସଂକଳ୍ପରୁ ସିଦ୍ଧି

## ନବ ଭାରତ ନିର୍ମାଣ (୨୦୧୭-୨୦୨୨)

"ଭାରତଛାଡ଼ ଆନ୍ଦୋଳନ ଆମ ଏକ ଇତିହାସର ମାଇଲ ଖୁଣ୍ଟ ।
ମହାତ୍ମାଗାନ୍ଧୀଙ୍କ ହୃଦୟସ୍ପର୍ଶୀ 'କର ବା ମର' ଆହ୍ୱାନରେ
ଦେଶବାସୀ ସମସ୍ତେ ଭାରତ ମାତାକୁ ସ୍ୱାଧୀନ କରିବା ପାଇଁ
ସଂକଳ୍ପ ନେଇଥିଲେ । ଭାରତ ଛାଡ଼ ଆନ୍ଦୋଳନର
୭୫ବର୍ଷ ପୂର୍ତ୍ତି ଅବସରରେ ଆମେ
ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇଥିବା ସମସ୍ତଙ୍କୁ
ଭକ୍ତିପୂତ ପ୍ରଣାମ ଜଣାଉଛୁ ।
ଆସନ୍ତୁ, ଅମେ ସମସ୍ତେ କାନ୍ଧରେ କାନ୍ଧ ମିଳାଇ
ଏକ ନିଶ୍ଚିତ ସଂକଳ୍ପ ନେବା ଯେ, ୨୦୨୨ ସୁଦ୍ଧା
ନବଭାରତ ନିର୍ମାଣର ସିଦ୍ଧି ନିମନ୍ତେ
କର୍ମ ଓ ମନରେ ଏକଜୁଟ ହୋଇଯିବା,
ଯାହାକି ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି
ଆମର ବିଶେଷ ଶ୍ରଦ୍ଧାଞ୍ଜଳି ହେବ ।"



- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**Krishi Vigyan Kendra, Angul**
Orissa University of Agriculture & Technology, Bhubaneswar, Odisha
କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର, ଓଡ଼ିଶା

# କୃଷକମାନଙ୍କ ଆୟକୁ ୨୦୨୨ମସିହା ସୁଦ୍ଧା ଦ୍ୱିଗୁଣିତ କରିବା ପାଇଁ ସାତସୂତ୍ରୀ କାର୍ଯ୍ୟକ୍ରମ

ଭାରତଭଳି ଦେଶରେ ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଅର୍ଥନୈତିକ ଦୁର୍ବଳ ଶ୍ରେଣୀ ଲୋକଙ୍କୁ ଖାଦ୍ୟ ଯୋଗାଇବା ଏକ ଆହ୍ୱାନ ସୃଷ୍ଟି କରିଛି । ତଥାପି ସରକାରଙ୍କର ଜନକଲ୍ୟାଣକାରୀ ଯୋଜନା ଓ ୨୦୧୫, ୨୦୧୬ ଏବଂ ୨୦୧୭ ମସିହାରେ ସେଗୁଡ଼ିକର ସୁପରିଚାଳନା ଓ କାର୍ଯ୍ୟନ୍ୱୟନ ଫଳରେ ଅନେକ ଆଖିଦୃଶିଆ ଅଗ୍ରଗତି ହୋଇଛି । ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଙ୍କର ବଳିଷ୍ଠ ଦିଗ୍‌ଦର୍ଶନରେ ଚାଷୀମାନଙ୍କର ଆୟକୁ ଦ୍ୱିଗୁଣିତ କରିବା ପାଇଁ ଏକ ରଣନୀତି ପ୍ରସ୍ତୁତ କରାଯାଇଛି । ଜାତୀୟସ୍ତରରେ ଏଥିପାଇଁ ଅନେକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏଗୁଡ଼ିକ ମଧ୍ୟରେ ଚାଷୀମାନଙ୍କର ଆୟ ଦ୍ୱିଗୁଣିତ କରିବା ପାଇଁ ଉପଲବ୍ଧ ହେଉଥିବା ନୂତନ କୃଷିସମ୍ବନ୍ଧୀୟ ଜ୍ଞାନକୌଶଳ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ସେମାନଙ୍କୁ ସଚେତନ କରାଇ ଦିଆଯାଉଛି । ଏକ ଉଲ୍ଲେଖନୀୟ ଜାତୀୟସ୍ତରର କାର୍ଯ୍ୟକ୍ରମ ହିସାବରେ "ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା" (ପି.ଏମ୍.କେ.ଏସ୍.ୱାଇ.) ଆରମ୍ଭ କରାଯାଇଛି । ଯାହାଦ୍ୱାରା ବୁନ୍ଦା ଜଳସେଚନ, ସିଞ୍ଚନ ଜଳସେଚନ ପ୍ରଣାଳୀ ମାଧ୍ୟମରେ **ପ୍ରତି ବୁନ୍ଦା ଜଳର ଉପଯୋଗ କରି ଅଧିକ ଫସଲ ଉତ୍ପାଦନ** କରାଯାଇ ପାରୁଛି । ଏ କ୍ଷେତ୍ରରେ ଜଳର ସୁବିନିଯୋଗ ହେଉଥିବାରୁ ଏହା କୃଷକମାନଙ୍କ ପାଖରେ ଆଦୃତ ହୋଇ ପାରିଛି ।

"ସୁସ୍ଥ ପୃଥିବୀ-ସବୁଜ କ୍ଷେତ" ଭଳି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ଯାହାଦ୍ୱାରା ଜମିର ଉତ୍ପାଦନ କ୍ଷମତାକୁ ବଜାୟ ରଖିବା ପାଇଁ 'ମୃତ୍ତିକା ସ୍ୱାସ୍ଥ୍ୟ ପତ୍ର' କୃଷକମାନଙ୍କୁ ବଣ୍ଟନ କରାଯାଉଛି । ବର୍ତ୍ତମାନ ସରକାରଙ୍କଦ୍ୱାରା ସାରା ଦେଶରେ ଏକ ନୂତନ କାର୍ଯ୍ୟକ୍ରମ "ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା" ଆରମ୍ଭ କରାଯାଇଛି ।

ଏହି ଯୋଜନାଟିରେ କୃଷି କ୍ଷେତ୍ରରେ ଅଧିକ ଅର୍ଥ ବିନିଯୋଗ କରାଯାଇ ସମ୍ଭାବିତ ବିପର୍ଯ୍ୟୟଜନିତ କ୍ଷୟକ୍ଷତିକୁ ଏଡ଼ାଇ ଦିଆଯାଇ ପାରିବ । କୃଷି କ୍ଷେତ୍ରରେ ଦେଖାଯାଉଥିବା ସମସ୍ୟାର ସମାଧାନ ପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି "ସଦାବାହାର ସଂଗ୍ରାମ" (ଚିର ସବୁଜ ବିପ୍ଳବ) ଉପରେ ପ୍ରାଧାନ୍ୟ ଦେଇଛନ୍ତି । ଏହାକୁ ଆଖି ଆଗରେ ରଖି, ପ୍ରଥମଥର ପାଇଁ 'ରାଷ୍ଟ୍ରୀୟ ଗୋକୁଳ ମିଶନ' ଆରମ୍ଭ କରାଯାଇଛି । ଯାହାଦ୍ୱାରା ଦେଶୀ ପ୍ରଜାତିର ଗାଈମାନଙ୍କର ଉନ୍ନତି ଏବଂ ସଂରକ୍ଷଣ ହୋଇପାରୁଛି । "ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ"ର ସଫଳ ରୂପାୟନ ପରେ ବର୍ତ୍ତମାନ "ପୁଷ୍ଟି ସୁରକ୍ଷା"କୁ ସଫଳ କରିବା ପାଇଁ ସରକାର ବର୍ତ୍ତମାନ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଉପରେ ପ୍ରାଧାନ୍ୟ ଦେଇଛନ୍ତି । ଏଥିସହିତ କୃଷକମାନେ ଉତ୍ପାଦନ କରୁଥିବା ଦ୍ରବ୍ୟର ବିକ୍ରିବଟାପାଇଁ ଅନ୍‌ଲାଇନ୍ ମାଧ୍ୟମରେ ସାରା ଦେଶର ୫୮୫ କୃଷି ବଜାରକୁ e-NAM ପୋର୍ଟାଲ ଦ୍ୱାରା ସଂଯୋଗ କରିଅଛନ୍ତି । କୃଷକମାନେ ଗୋଟିଏ ବଟନ୍ (ବୋତାମ) ଦବାଇ ସାରା ଦେଶରେ ଉତ୍ପାଦନ ହେଉଥିବା ଦ୍ରବ୍ୟର ମୂଲ୍ୟ ଜାଣି ପାରୁଛନ୍ତି ଏବଂ ନିର୍ଦ୍ଧାରିତ ମୂଲ୍ୟରେ ବିକ୍ରିବଟା କରିବାକୁ ସମର୍ଥ ହୋଇ ପାରୁଛନ୍ତି । କୃଷକ ତା'ର ଉପଯୁକ୍ତ ମୂଲ୍ୟ ପାଇବା ପାଇଁ ଏହି ପୋର୍ଟାଲ ମାଧ୍ୟମରେ କ୍ୟାସ୍‌ଲେସ୍ ଆଦାନ ପ୍ରଦାନର ପ୍ରାଧାନ୍ୟ ଦିଆଯାଇଛି ।

ଆଜି ଭାରତରେ ଡିଜିଟାଲ ବିପ୍ଳବ ଏବଂ ମୋବାଇଲ ବିପ୍ଳବ ଗାଁ ଗାଁ ରେ ପହଞ୍ଚିପାରିଛି । ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା କୃଷି ସହ ଜଡ଼ିତ ହୋଇ ସାରିଛି । ସରକାର ଏବଂ କୃଷକମାନଙ୍କ ମଧ୍ୟରେ ସୁସମ୍ପର୍କ ସମ୍ବାଦ ଜାରିରଖିବା ପାଇଁ ମୋବାଇଲ୍ ଏବଂ ଇଣ୍ଟରନେଟ୍‌ର ଭୂମିକା ଉପଯୁକ୍ତ ସମୟରେ ସୂଚନା ଦେବାପାଇଁ ୱେବ୍‌ସାଇଟ୍ ପୋର୍ଟାଲ ଏବଂ ଫୋନ୍ ସେବା ଦ୍ୱାରା କୃଷି ସମ୍ବାଦର ଏସ୍.ଏମ୍.ଏସ୍. ମଧ୍ୟ ଆରମ୍ଭ କରାଗଲାଣି । ଏହାଦ୍ୱାରା କୃଷକ ଏହି ଆପ୍ ମାଧ୍ୟମରେ ଘରେ ବସି କୃଷି ସମ୍ବନ୍ଧିତ ସୂଚନା, ଯେପରିକି ପାଣିପାଗ, ବଜାର ଦର, ଫସଲରେ ଲାଗୁଥିବା ରୋଗ-ପୋକର ଚିହ୍ନଟ ଏବଂ ଉପଚାର ସହିତ କୃଷି ସମ୍ବନ୍ଧିତ ଉପଦେଶର ସୁବିଧା ମଧ୍ୟ ପାଇପାରୁଅଛି । ଏହାଦ୍ୱାରା ମଧ୍ୟ ସମ୍ଭାବିତ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଫସଲହାନୀ, ଖରାପ ପାଗ ଏବଂ କୁଆପଥର ବୃଷ୍ଟି ବିଷୟରେ ଅନୁମାନ କରାଯାଇ ପାରୁଛି । ଚାଷୀମାନେ ନିଜେ ଘରେ ବସି କିସାନ କଲ୍ ସେଣ୍ଟରରୁ ୧୮୦୦୧୮୦୧୫୫୧ ନମ୍ବରରେ ନିଃଶୁଳ୍କ ସେବା ମାଧ୍ୟମରେ କୃଷିର ସମସ୍ୟା ଏବଂ ସମାଧାନ ପାଇବାକୁ ସମର୍ଥ ହୋଇଛନ୍ତି ।

ସରକାର 'ସଂକଳ୍ପରୁ ସିଦ୍ଧି' ମାଧ୍ୟମରେ ସାତସୂତ୍ରୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଯାହାଦ୍ୱାରା ୨୦୨୨ ମସିହା ବେଳକୁ କୃଷକମାନଙ୍କ ଆୟକୁ ଦ୍ୱିଗୁଣିତ କରାଯାଇ ପାରିବ ।

## ପ୍ରଥମ ସୂତ୍ର: ପର୍ଯ୍ୟାପ୍ତ ସମ୍ବଳ ପରିଚାଳନା ସହିତ ଜଳସେଚନ ଉପରେ ଗୁରୁତ୍ୱ

ଭାରତବର୍ଷରେ ୧୮୨ ନିୟୁତ ହେକ୍ଟର କୃଷି ଉପଯୋଗୀ ଜମିଥିବାସ୍ଥଳେ ଶତକଡ଼ା ୪୮ଭାଗ ଜମିକୁ ବିଭିନ୍ନ ସଂସ୍ଥା ମାଧ୍ୟମରେ ଜଳସେଚନ କରାଯାଉଛି । ପ୍ରତ୍ୟେକ କୃଷି କ୍ଷେତ୍ରକୁ ଜଳସେଚିତ କରିବାପାଇଁ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା ୨୦୧୫ ମସିହା ଜୁଲାଇ ଏକ ତାରିଖରେ ଆରମ୍ଭ କରାଯାଇଛି । ଯାହାର ମୂଳଲକ୍ଷ୍ୟ ହେଉଛି ଜଳସେଚନ ବ୍ୟବସ୍ଥା, ଜଳର ଉତ୍ସ ଏବଂ ସଂଯୋଗୀକରଣ ମାଧ୍ୟମରେ ପ୍ରତ୍ୟେକ କ୍ଷେତକୁ ଜଳ ଯୋଗାଇ ଦିଆଯାଇ ପାରିବ । PMKSY ମାଧ୍ୟମରେ କେବଳ ସୁନିଶ୍ଚିତ ଜଳସେଚନ କରିହେବ ତାହା ନୁହେଁ, ଏଥିସହିତ ବର୍ଷାଜଳ ସଂରକ୍ଷଣ କରାଯାଇ ଜଳସେଚନ ମଧ୍ୟ କରାଯାଇ ପାରିବ । ପ୍ରତିଟି ଜଳବିନ୍ଦୁ ଦ୍ୱାରା ଅଧିକ ଶସ୍ୟ ଉତ୍ପାଦନର ସ୍ଲୋଗାନ ମାଧ୍ୟମରେ ଅଣୁ ଜଳସେଚନ ପ୍ରୟୋଗ ଦ୍ୱାରା ସରକାରଙ୍କ ତରଫରୁ ଚାଷୀମାନଙ୍କ ପାଇଁ ସୁବିଧା ଉପଲବ୍ଧ କରାଯାଇ ପାରୁଛି । PMKSYର ତିନିଗୋଟି ଦିଗ ରହିଛି:

୧. ଏହି ଯୋଜନା ମାଧ୍ୟମରେ କୃଷି କ୍ଷେତ୍ରରେ ଉତ୍ପାଦନ ବଢ଼ାଇବା ପାଇଁ ସମସ୍ତ ଜମିକୁ ନିଶ୍ଚିତ ଜଳସେଚନର ଆବଶ୍ୟକତା ରହିଛି । ୨୦୧୬-୧୭ ମସିହାରେ ଦୀର୍ଘମିଆଦି ଜଳସେଚନ ଯୋଜନା ପାଣ୍ଠି ଟ.୨୦,୦୦୦ କୋଟି ରାଶି ଥିବା ସ୍ଥଳେ ଏହା ୨୦୧୭-୧୮ମସିହାରେ ବୃଦ୍ଧି ପାଇ ଟ.୪୦,୦୦୦କୋଟି ରାଶିରେ ପହଞ୍ଚିପାରିଛି । ଦେଶର ୮.୬ ନିୟୁତ ହେକ୍ଟର ଜମିକୁ ଅତିରିକ୍ତ ଜଳସେଚନ ପାଇଁ ୯୯ଟି ପଡ଼ି ରହିଥିବା ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ଯୋଜନା କରିଛନ୍ତି ।

୨. **PMKSY** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଅଧିନରେ ଥିବା ଭୂସଂସ୍ଥାନ ବିଭାଗ ଜଳ ଉତ୍ସର ତ୍ୱରାନ୍ୱିତ କରିବା ପାଇଁ କାର୍ଯ୍ୟ କରୁଅଛି । ଏଥିରେ ଡିପ ଜମିର ଉପଚାର, ନାଳଗୁଡ଼ିକର ଉପଚାର, ସନ୍ତସନ୍ତିଆ ଅଂଚଳର ମୃତ୍ତିକା ପରିଚାଳନା, ଜଳ ଅମଳ ପ୍ରକଳ୍ପଗୁଡ଼ିକର ସୁବନ୍ଦୋବସ୍ତ ଏବଂ ଜଳବିଭାଜିକା କାର୍ଯ୍ୟକ୍ରମ ଗୁଡ଼ିକ ଅନ୍ତର୍ଭୁକ୍ତ ଅଟେ । ଏହାର ମୂଳ ଲକ୍ଷ୍ୟ ହେଉଛି ଭୂତଳ ଜଳର ସ୍ତରକୁ ଉର୍ଦ୍ଧ୍ୱଗାମୀ ଓ କାର୍ଯ୍ୟକ୍ଷମ କରିବା ।

(୩) **ଅଣୁ ଜଳସେଚନ** (ପ୍ରତିବୃନ୍ଦା ଜଳ-ଅଧିକ ଫସଲ ଅମଳ): ଏହି ଯୋଜନା ମାଧ୍ୟମରେ ଅଣୁ ଜଳସେଚନ ବ୍ୟବସ୍ଥା, ଜଳଯୋଗାଣ ଏବଂ ଏହାର ସୁବିନିଯୋଗ, ଉପଯୁକ୍ତ ଜଳସେଚନ (ବୁନ୍ଦା ଓ ସିଞ୍ଚନ ପ୍ରଣାଳୀ) ମାଧ୍ୟମରେ ଜଳର ସୁବିନିଯୋଗ କରାଯିବା ଉପରେ ଧ୍ୟାନ ଦିଆଯାଇଛି । ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାପାଇଁ ଆର୍ଥିକ ସହାୟତା ପ୍ରଦାନ କରିବାର ବ୍ୟବସ୍ଥା ମଧ୍ୟ ରହିଛି । କାରଣ ବୁନ୍ଦାଏ ଜଳ ଦ୍ୱାରା ଅଧିକ ଫସଲ ଉତ୍ପାଦନର ମହତ୍ୱକୁ ଅନୁଭବ କରାଯାଇପାରିବ ।

ଆସନ୍ତୁ ସମସ୍ତେ ମିଳିମିଶି ସଂକଳ୍ପ ନେବା PMKSY ଯୋଜନା ମାଧ୍ୟମରେ ଜଳର ସଂରକ୍ଷଣ ସହ ମୃତ୍ତିକାର ସ୍ୱାସ୍ଥ୍ୟ ମଧ୍ୟ ସୁପରିଚାଳନା କରିପାରିବା, ଯାହାଦ୍ୱାରା ଆମର ଅର୍ଥ ନୈତିକ ଉନ୍ନତି ହୋଇପାରିବ ।

## ଦ୍ୱିତୀୟ ସୂତ୍ର: ଗୁଣବତ୍ତାପୂର୍ଣ୍ଣ ବିହନ, ରୋପଣ ସାମଗ୍ରୀ, ଜୈବିକ ଚାଷ ଏବଂ ପ୍ରତ୍ୟେକ କ୍ଷେତ୍ରର ମୃତ୍ତିକା ସ୍ୱାସ୍ଥ୍ୟ ପତ୍ର ବ୍ୟବହାର ଦ୍ୱାରା କୃଷିକ୍ଷେତ୍ରରେ ଉତ୍ପାଦନ ବଢ଼ାଇବା:

ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ମିଶନ ଏବଂ ରାଷ୍ଟ୍ରୀୟ ଖାଇବା ତେଲ ଓ ଅଏଲପାମ୍ ମିଶନ ଦ୍ୱାରା ବିହନର ଗୁଣବତ୍ତା ବଢ଼ାଇବା ପାଇଁ କାର୍ଯ୍ୟ କରୁଛି । ଉତ୍ପାଦନ କ୍ଷେତ୍ରରେ କେନ୍ଦ୍ର ସରକାର ଗହମ, ଚାଉଳ, ଡ଼ାଲି, ତୈଳବୀଜ ଓ ଉଦ୍ୟାନ ଭିତ୍ତିକ ଫସଲରୁ କିପରି ଅଧିକ ଉତ୍ପାଦନ କରାଯାଇପାରିବ ତା'ଉପରେ ଗୁରୁତ୍ୱ ଦେଉଛନ୍ତି । ଡ଼ାଲି ଜାତୀୟ ଫସଲ ସାଧାରଣତଃ ବର୍ଷାଧାରା ଉପରେ ଆଧାରିତ କ୍ଷେତରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଅଳ୍ପ ଅଳ୍ପ ଚାଷ କରିଥାନ୍ତି । ସେଥିପାଇଁ ସରକାର ଡାଲି ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବାପାଇଁ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ବିଭିନ୍ନ ପ୍ରକାର ସାହାଯ୍ୟର ହାତ ବଢ଼ାଇଛନ୍ତି । ଦୁଇବର୍ଷ ତଳେ ଡାଲିଜାତୀୟ ଫସଲର ସହାୟକ ମୂଲ୍ୟ (MSP) ବୃଦ୍ଧିକରି ୨୦୧୭ ମସିହାରେ ଏହି ଚାଷକୁ ବୋନସ୍ ଦେବାକୁ ମଧ୍ୟ ପ୍ରୋତ୍ସାହନ ଦେଇଛନ୍ତି । ଡ଼ାଲି ଜାତୀୟ ଶସ୍ୟ ଉତ୍ପାଦନ ପାଇଁ ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ମିଶନ (NFSM) ମାଧ୍ୟମରେ ୬୦ ପ୍ରତିଶତ ଅଧିକ ବଜେଟ୍ ରାଶି ମଧ୍ୟ ଆବଣ୍ଟନ କରିଛନ୍ତି । ଏହି ବିଭାଗ (୨୦୧୬-୧୭ ରୁ ୨୦୨୦-୨୧ ପର୍ଯ୍ୟନ୍ତ ୨୪ ନିୟୁତଟନ୍ ଡାଲିଜାତୀୟ ଶସ୍ୟ ବାର୍ଷିକ ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ଏକ ନକ୍ସା ମଧ୍ୟ ପ୍ରସ୍ତୁତ କରାଯାଇଛି । ଏହି ଯୋଜନାରେ ପ୍ରଥମ ବର୍ଷ ୨୨ ନିୟୁତଟନ୍ ଡାଲିଜାତୀୟ ଫସଲ ଉତ୍ପାଦନର ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ଏହା ୨୦ ନିୟୁତଟନରେ ପହଞ୍ଚିପାରିଛି । କେନ୍ଦ୍ରସରକାର ୨୫ ହେକ୍ଟର ସୀମାରେଖାକୁ ବୃଦ୍ଧିକରି ରୋପଣ ସାମଗ୍ରୀ, ଫସଲ ପରିଚାଳନା, ଅନ୍ତଃଚାଷ ଏବଂ ଭୂତଳ ଜଳ ଖନନ ଖର୍ଚ୍ଚ ଉପରେ ସହାୟତା ମଧ୍ୟ ଘୋଷଣା କରିଛନ୍ତି ।

ଉଦ୍ୟାନ ଭିତ୍ତିକ କୃଷିର ଉତ୍ପାଦନ ବଢ଼ାଇବା ପାଇଁ ମଧ୍ୟ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି । ସମନ୍ୱିତ ଉଦ୍ୟାନ ଫସଲ ଉନ୍ନୟନ ମିଶନ (MIDH) ମାଧ୍ୟମରେ ୨୦୧୪-୧୫ ରୁ ୨୦୧୬-୧୭ ବର୍ଷ ମଧ୍ୟରେ ୩,୭୯,୧୪୬ ହେକ୍ଟର ଜମିରେ ନୂତନ ଫଳ ବଗିଚା ସୃଷ୍ଟିର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ଏହି ସମୟ ମଧ୍ୟରେ ୭୦,୯୭୬ ହେକ୍ଟର ଫଳବଗିଚାର ପୁନରୁଦ୍ଧାର ମଧ୍ୟ କରାଯାଇଛି । ୨୦୧୪-୧୫ ରୁ ୨୦୧୬-୧୭ ବର୍ଷ ମଧ୍ୟରେ ୮୭,୧୧୦ ହେକ୍ଟର ଜମିରେ ସୁରକ୍ଷିତ କୃଷି ଏବଂ ୨୩,୩୨୧ ହେକ୍ଟର ଜମିରେ ଜୈବିକ କୃଷିର ଯୋଜନା କରାଯାଇଛି ।

**ମୃତ୍ତିକା ସ୍ୱାସ୍ଥ୍ୟ ପତ୍ର ଯୋଜନା (SHCS) :**

ଦେଶର ସମସ୍ତ ଚାଷ ଜମିର ମୃତ୍ତିକା ସ୍ୱାସ୍ଥ୍ୟ ପତ୍ର ଯୋଗାଇ ଦେବାର ଯୋଜନା ରହିଛି । ଏହି ଯୋଜନା ମାଧ୍ୟମରେ ପ୍ରତି ଦୁଇବର୍ଷରେ ୧୨ କୋଟି ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ଦେଶରେ ବିତରଣ କରାଯିବାର ଲକ୍ଷ୍ୟ ରଖାଯାଇଛି । ଯେଉଁଥିରେକି, କୃଷକମାନେ ମୃତ୍ତିକାର ସବିଶେଷ ବିବରଣୀ ଯଥା :- ଅନୁମୋଦିତ ସାର ବିଷୟରେ ଦିଗ୍‌ଦର୍ଶନ ପାଇପାରିବେ, ଏହାଦ୍ୱାରା ଆମେ କୃଷି କ୍ଷେତ୍ରରେ ହେଉଥିବା ଉତ୍ପାଦନ ପାଇଁ ଖର୍ଚ୍ଚକୁ କମାଇ ଦେଇପାରିବା ଏବଂ ନିରନ୍ତର ଫସଲ ଉତ୍ପାଦନ ଓ ଉତ୍ପାଦିକତା ଉପରେ ସ୍ୱାବଲମ୍ବୀ ହୋଇପାରିବା । ଏତଦ୍ ବ୍ୟତୀତ ସରକାର ମଧ୍ୟ ବିବେଚନା କରିଛନ୍ତି ଯେ ନିମ ଆଚ୍ଛାଦିତ ୟୁରିଆ ଦ୍ୱାରା ଶତକଡ଼ା ୧୦ ଭାଗ ଚାଷ କ୍ଷେତ୍ରରେ ହେଉଥିବା ଖର୍ଚ୍ଚକୁ କମ୍ କରାଯାଇପାରିବ ।

ଜୈବିକ କୃଷିକୁ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ପରମ୍ପରାଗତ କୃଷି ବିକାଶ ଯୋଜନା (PKVY) ମାଧ୍ୟମରେ ଦୁଇଲକ୍ଷ ହେକ୍ଟର ଜମିକୁ ତିନିବର୍ଷ ମଧ୍ୟରେ ଉପଯୋଗ କରିବାର ଯୋଜନା ରହିଛି । ଯାହାଫଳରେ ୨୦୧୪ ରୁ ୨୦୧୭ ମଧ୍ୟରେ ଶତକଡ଼ା ୧୭୬ ଭାଗ ଅଧିକ ଜମିରେ ଜୈବିକ କୃଷି କରାଯାଇ ୨୦ ଲକ୍ଷ ହେକ୍ଟର ଜମି ଉପଯୋଗ କରାଯାଇପାରିଛି, ଯାହାକି ୨୦୧୧ ରୁ ୨୦୧୪ ମଧ୍ୟରେ ୭.୨୩ ଲକ୍ଷ ହେକ୍ଟର ଥିଲା ।

**ଆସନ୍ତୁ ସମସ୍ତେ ମିଳିମିଶି ସଙ୍କଳ୍ପ ନେବା ଯେ କୃଷିରେ ଉତ୍ପାଦନ ବଢ଼ାଇବା ଓ କୃଷି କାର୍ଯ୍ୟରେ ଖର୍ଚ୍ଚ କମାଇବା ପାଇଁ ମୃତ୍ତିକା ସ୍ୱାସ୍ଥ୍ୟ ବଜାୟ ରଖିବା ଏବଂ ଜୈବିକ କୃଷିକୁ ଆପଣେଇବା ।**

## ତୃତୀୟ ସୂତ୍ର: ଅମଳ ପରବର୍ତ୍ତୀ କ୍ଷତିକୁ କମାଇବା ପାଇଁ ଗୋଦାମଘର ବ୍ୟବସ୍ଥା ଓ ଶୀତଳ ଭଣ୍ଡାର ସଂଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ

ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ପ୍ରତିବର୍ଷ ଅମଳର ୫୨୬୫୧ କୋଟି ମୂଲ୍ୟର ଉତ୍ପାଦିତ ଖାଦ୍ୟଶସ୍ୟ ନଷ୍ଟ ହୋଇଯାଇଥାଏ । ସେଥିପାଇଁ କେନ୍ଦ୍ର ସରକାର ୩୦-୩୫ ପ୍ରତିଶତ ଖର୍ଚ୍ଚକରି ସମନ୍ୱିତ ଉଦ୍ୟାନ ଉନ୍ନୟନ ମିଶନ ମାଧ୍ୟମରେ ଶୀତଳଭଣ୍ଡାର ସଂଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ସରକାର ମଧ୍ୟ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ପାଇଁ ଉଚିତ୍ ମୂଲ୍ୟରେ ବିକ୍ରିବଟା କରିବାପାଇଁ ଭଣ୍ଡାର ଘରର ବ୍ୟବସ୍ଥା କରିଛନ୍ତି, ଯେଉଁଥିରେ କି ସେ ୬ମାସ ପର୍ଯ୍ୟନ୍ତ ଖାଦ୍ୟଶସ୍ୟ ସାଇତି ରଖିବାର ସୁବିଧା ପାଇପାରିବେ । କୃଷି ଋଣକୁ ପରିଶୋଧ କରିବା ପାଇଁ ସରକାର ଭଣ୍ଡାରଘରର ରସିଦ୍‌ର ରାଶିରୁ ମଧ୍ୟ ରିହାତିର ବ୍ୟବସ୍ଥା କରିଛନ୍ତି ।

ଆସନ୍ତୁ ମିଳିମିଶି ସଙ୍କଳ୍ପ ନେବା ଯେ, ଆମର ଉତ୍ପାଦିତ ଖାଦ୍ୟ ଶସ୍ୟକୁ ଅଳ୍ପ ଦରରେ ବିକ୍ରି ନକରି ଗୋଦାମ ଘର ବ୍ୟବସ୍ଥାର ସଦୁପଯୋଗ କରିବା ଏବଂ ଋଣ ପରିଶୋଧ କରିବାର ମାର୍ଗକୁ ଅନୁସରଣ କରିବା ।

## ଚତୁର୍ଥ ସୂତ୍ର: ମୂଲ୍ୟ ସଂଯୁକ୍ତି କରଣ ମାଧ୍ୟମରେ ଖାଦ୍ୟ ପ୍ରକ୍ରିୟା କରଣ ଯୋଜନା

ଖାଦ୍ୟ ପ୍ରକ୍ରିୟା କରଣ ଏବଂ ଖାଦ୍ୟ ବିକ୍ରିବଟା ଉପରେ ସରକାର ଶତପ୍ରତିଶତ ଆର୍ଥିକ ରିହାତିର ବ୍ୟବସ୍ଥା କରିଛନ୍ତି । ପ୍ରକ୍ରିୟାକରଣ ଶିଳ୍ପପାଇଁ ଅଗ୍ରାଧିକାରଭିତ୍ତିରେ ଋଣ ପ୍ରଦାନର ବ୍ୟବସ୍ଥା କରାଯାଇଛି । ଏହା ସହିତ ଖାଦ୍ୟ ସୁରକ୍ଷା ମିଶନ ପାଇଁ ଆନ୍ତର୍ଜାତିକ କ୍ଷେତ୍ରରେ ମଧ୍ୟ ଜି.ଏସ୍.ଟି. ଲଗାଇବା ବ୍ୟବସ୍ଥା ଅନୁମୋଦନ କରିଛନ୍ତି । ବର୍ତ୍ତମାନ ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରଣାଳୟଦ୍ୱାରା **'ସଂପଦ'** ନାମକ ଏକ ଯୋଜନା କାର୍ଯ୍ୟକାରୀ କରାଯାଇଛି, ଯାହାଦ୍ୱାରା ପ୍ରକିୟାକରଣର ପୂର୍ବ ଓ ପରବର୍ତ୍ତି ସମନ୍ୱୟକୁ ଗୁରୁତ୍ୱଦେଇ କୃଷି ପ୍ରକିୟାକରଣ ଶିଳ୍ପଗୁଡ଼ିକର ସୁଦୃଢ଼ୀକରଣ ହୋଇପାରିବ । ଏହାଦ୍ୱାରା ୨୦ଲକ୍ଷ ଚାଷୀ ଉପକୃତ ହୋଇପାରିବେ ଏବଂ ୫.୩ଲକ୍ଷ ଲୋକଙ୍କ ପାଇଁ ରୋଜଗାରପନ୍ଥା ସୃଷ୍ଟି କରାଯାଇପାରିବ ।

**ଆସନ୍ତୁ ମିଳିମିଶି ସଙ୍କଳ୍ପ ନେବା ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମାଧ୍ୟମରେ ସରକାରଙ୍କଠାରୁ ଲାଭ ଉଠାଇବା ଏବଂ ନିଜର ଶକ୍ତି ଉପରେ ଆଧାରକରି ନିଶ୍ଚିତ ରୋଜଗାର ପନ୍ଥା ଆପଣେଇବା ।**

## ପଞ୍ଚମ ସୂତ୍ର: ଇ-ରାଷ୍ଟ୍ରୀୟ କୃଷି ବଜାର ମାଧ୍ୟମରେ କୃଷି କ୍ଷେତ୍ରରେ ଥିବା ଅସୁବିଧା ଗୁଡ଼ିକୁ ଦୂରକରିବା ।

କେନ୍ଦ୍ର ସରକାର ୧୪ ଅପ୍ରେଲ ୨୦୧୬ ମସିହାରେ ଇ-ରାଷ୍ଟ୍ରୀୟ କୃଷି ବଜାର ଯୋଜନା ମାଧ୍ୟମରେ ୪୫୫ ମଣ୍ଡିକୁ ସିଧାସଳଖ ବ୍ୟବସାୟିକ ସଂଯୋଗୀକରଣ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ ଯେଉଁଥିରେ ୧୧୬ଟି ମଣ୍ଡି ଅନ୍‌ଲାଇନ୍‌ରେ କୃଷିଜାତ ଦ୍ରବ୍ୟର ବିପଣନ ଆରମ୍ଭ କରିସାରିଲେଣି । ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅସଂଗଠିତ ବଜାର ଗୁଡ଼ିକୁ ସଂଗଠିତ କରି ଉଚିତ୍ ବଜାର ମୂଲ୍ୟ ତିଆରି କରିବା । ଇ-ରାଷ୍ଟ୍ରୀୟ କୃଷି ବଜାର ମାଧ୍ୟମରେ ଏହା ସୂଚନା ହେଉଛି କି, ବିଷମତା ଓ ଆଭ୍ୟନ୍ତରୀଣ ମୂଲ୍ୟ କମ୍ ଯୋଗୁଁ କୃଷକମାନେ ନିଜର ଉତ୍ପାଦନ ହେଉଥିବା କୃଷିଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପାଇପାରିବେ ।

ଇ-ରାଷ୍ଟ୍ରୀୟ କୃଷି ବଜାର ଦ୍ୱାରା ସରକାର କୃଷି କ୍ଷେତ୍ରରେ ବଜାରର ସ୍ଥିରତା ପାଇଁ ଏକ ନୂତନ ଦିଗ ପାଇ ପାରିବେ ଯାହାକି ବେସରକାରୀ ବଜାର ପରିସର ଓ ବିକ୍ରିବଟା ଅନ୍ତର୍ଭୁକ୍ତ ଅଟେ । ଏହାଛଡା କୃଷକ ମାନଙ୍କ ଉନ୍ନତି ପାଇଁ ସରକାର ଏକ ମଡେଲ୍ ଆଇନ୍ ମଧ୍ୟ ପ୍ରଣୟନ କରିଛନ୍ତି ।

**ଆସନ୍ତୁ ମିଳିମିଶି ସଙ୍କଳ୍ପ ନେବା, ଏହି ଯୋଜନାରେ ଚାଷୀମାନେ ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଇବା ପାଇଁ ସମସ୍ତେ ସହଯୋଗ କରିବା ।**

## ଷଷ୍ଠ ସୂତ୍ର: କୃଷି କ୍ଷେତ୍ରରେ ଅସୁବିଧା ଗୁଡ଼ିକୁ କମେଇବା ଓ ବିକାଶ ପାଇଁ ସଂସ୍ଥାଗତ ଋଣ ଉପଲବ୍ଧ କରାଇବା

କୃଷକମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ସରକାର ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା (PMFBY) ଓ ପୁନଃ ସଂଚରଣ ମୌସୁମୀ ଆଧାରିତ ଫସଲବୀମା ଯୋଜନା (RWBCIS) ପ୍ରଣୟଣ କରିଛନ୍ତି । ତତ୍କାଳୀନ ଫସଲବୀମା ଯୋଜନାକୁ ସମୀକ୍ଷା କରିବା ପରେ ସରକାର ୨୦୧୬ ଖରିଫ୍ ଋତୁରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଆରମ୍ଭ କରିଥିଲେ । ଏହି ଯୋଜନାକୁ ଅଧିକ ଲାଭକାରୀ କରିବାପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି । ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଏବଂ ପୁନଃ ସଂଚରଣ ମୌସୁମୀ ଆଧାରିତ ଫସଲ ବୀମା ଯୋଜନାରେ ଖରିଫ ଫସଲ ପାଇଁ ୨ ପ୍ରତିଶତ, ରବିଫସଲ ପାଇଁ ୧.୫ ପ୍ରତିଶତ ଏବଂ ବାର୍ଷିକ ବ୍ୟବସାୟୀକ ଉଦ୍ୟାନଭିତ୍ତିକ ଫସଲ ପାଇଁ ପାଞ୍ଚ ପ୍ରତିଶତ ବୀମା କିସ୍ତିରାଶି ପ୍ରଦାନ ପାଇଁ ଧାର୍ଯ୍ୟକରିଛନ୍ତି । ଅବଶିଷ୍ଟ ବୀମା ରାଶିକୁ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟେ ୫୦-୫୦ ଅନୁପାତରେ ପ୍ରଦାନ କରିବେ । ଫସଲ ହାନୀର ଆକଳନ ପାଇଁ ବୀମା କ୍ଷେତ୍ରରେ ମୁଖ୍ୟ ଫସଲ ପାଇଁ ତହସିଲ / ଜିଲ୍ଲାସ୍ତର ଠାରୁ ଆରମ୍ଭକରି ଗ୍ରାମ ଓ ଗ୍ରାମ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ କୁଆପଥର ବୃଷ୍ଟି ଓ ଭୂସ୍ଖଳନ ପାଇଁ ବ୍ୟକ୍ତିଗତ ଫାର୍ମ ସ୍ତରରେ ଏହିରାଶି ପ୍ରଦାନର ବ୍ୟବସ୍ଥା ହୋଇଛି । ଋଷୀର କ୍ଷତିକୁ ଆକଳନ କରି ଅମଳପରେ ତା'ର କ୍ଷତିପୂରଣ ବୀମାରାଶି ପ୍ରଦାନ କରାଯାଇଥାଏ । କିନ୍ତୁ ଯେଉଁ ଋଷୀମାନେ ବୀମାଭୁକ୍ତ ହୋଇଥାନ୍ତି କୃଷି କ୍ଷେତ୍ରରେ ପ୍ରତିକୂଳ ପାଗହେଲେ ଯଥାଶୀଘ୍ର ସହାୟତା ପ୍ରଦାନ କରାଯାଇଥାଏ ।

୨୦୧୫ ଖରିଫ ବର୍ଷରେ ୩୦୯ ଲକ୍ଷ କୃଷିକ ଏହି ଯୋଜନାରେ ଲାଭବାନ ହୋଇଥିବା ସ୍ଥଳେ ୨୦୧୬ ଖରିଫ୍ ବର୍ଷରେ ଏହା ୩୯୦ ଲକ୍ଷରେ ପହଞ୍ଚିପାରିଥିଲା । ସେହିପରି ୨୦୧୫ ଖରିଫ ବର୍ଷରେ ୧୫ ଲକ୍ଷ ଋଣ ଗ୍ରସ୍ତ ଋଷୀ ଥିବାସ୍ଥଳେ ଏହା ୨୦୧୬ ଖରିଫ ବର୍ଷରେ ୧୦୫ ଲକ୍ଷରେ ପହଞ୍ଚିଛି । ୨୦୧୫ ଖରିଫ ବର୍ଷରେ ହେକ୍ଟର ପ୍ରତି ବୀମାରାଶି ୨୦୪୬୧ ଥିବାସ୍ଥଳେ ୨୦୧୬ ଖରିଫ ବର୍ଷରେ ଏହା ବୃଦ୍ଧିପାଇ ୩୬୬୬୨ ରାଶିରେ ପହଞ୍ଚିପାରିଛି ।

ଋଷୀମାନେ କିପରି ଶୀଘ୍ର ବୀମାରାଶି ପାଇପରିବେ ସେଥିପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସମୟସୀମା ନିର୍ଦ୍ଧାରଣ କରିଛନ୍ତି । ଏଥିପାଇଁ କୃଷି ବିଭାଗ ସିସିଇଏଗ୍ରିଆପ ଓ ସ୍ମାଟ ଫୋନ୍ ମାଧ୍ୟମରେ କୃଷି ଉତ୍ପାଦନ ସୂଚନା ନିଶ୍ଚିତ ଭାବରେ ପ୍ରଦାନ ପାଇଁ ନିର୍ଦ୍ଦେଶ ରହିଛି । ଏତଦ୍ ବ୍ୟତିତ ନୂଆ ରିମୋଟ ସେନ୍‌ସିଙ୍ଗ ପ୍ରଦ୍ୟୋଗ୍ୟ ଦ୍ୱାରା ଏହାକୁ ଉପଯୋଗ କରି ସଠିକ କ୍ଷତିର ଆକଳନ କରାଯାଇ ପାରୁଛି ।

୨୦୧୬-୧୭ ବର୍ଷରେ ଶତକଡା ୩୦ ରୁ ୪୦ ପ୍ରତିଶତକୁ ବୃଦ୍ଧି ଓ ୨୦୧୭-୧୮ରେ ଶତକଡ଼ା ୫୦ ପ୍ରତିଶତ ବୃଦ୍ଧିର ଲକ୍ଷ୍ୟ ରଖାଯାଇଛି । ସାହୁକାର ମାନଙ୍କଦାଉରୁ ଋଷୀମାନଙ୍କୁ ଋଣ ଗ୍ରସ୍ତରୁ ସୁରକ୍ଷିତ ରଖିବା ପାଇଁ ୨୦୧୩-୧୪ ବର୍ଷରେ ସାତଲକ୍ଷ କୋଟି ଥିବା ସ୍ଥଳେ ଏହା ୨୦୧୭-୧୮ ବର୍ଷରେ ବୃଦ୍ଧିପାଇ ଦଶଲକ୍ଷ କୋଟିରେ ପହଞ୍ଚିପାରିଛି । ଏତଦ୍ ବ୍ୟତୀତ ସ୍ୱଳ୍ପକାଳୀନ କୃଷି ଋଣ ଉପରେ ଶତକଡ଼ା ତିନି ପ୍ରତିଶତ ଅତିରିକ୍ତ ଛାଡ଼ ପ୍ରଦାନ ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ବର୍ତ୍ତମାନ ପରିସ୍ଥିତିରେ କୃଷି ଋଣ ସାତ ପ୍ରତିଶତ ସୁଧହାର ଥିବାବେଳେ ତୁରନ୍ତ ଋଣ ପରିଶୋଧ କରୁଥିବା ଋଷୀ କ୍ଷେତ୍ରରେ ଏହାକୁ ଋରି ପ୍ରତିଶତକୁ କମାଇ ଦିଆଯାଇ ପାରିବ ।

ପ୍ରାକୃତିକ ବିପର୍ଯ୍ୟୟ କ୍ଷେତ୍ରରେ କୃଷି ଋଣକୁ ଦୁଇ ପ୍ରତିଶତ ଛାଡ଼ କରିବା ପାଇଁ ବ୍ୟାଙ୍କ ମାନଙ୍କୁ ନିର୍ଦ୍ଦେଶ ଜାରିହୋଇଛି । ଏହି ଋଣ ୨୦୧୩-୧୪ ବର୍ଷରେ ୬ ହଜାର କୋଟି ଟଙ୍କା ଥିବାବେଳେ ଏହା ୨୦୧୭-୧୮ ବର୍ଷରେ ୨୦,୩୩୯ କୋଟି ଟଙ୍କାରେ ପହଞ୍ଚିପାରିଛି ।

୨୦୧୭-୧୮ ବର୍ଷ ବଜେଟରେ ପ୍ରାଥମିକ କୃଷି ଋଣ ସଂସ୍ଥା (PACS) ର କମ୍ପ୍ୟୁଟରୀ କରଣ ପାଇଁ ଯୋଜନା କରାଯାଇଛି । ଅର୍ଥ ସମାବେଶନର ମୁଖ୍ୟ ଉଦ୍ଦେଶ୍ୟ ରହିଛି ଋଣ କମ୍ପ୍ୟୁଟରୀ କରଣ ଯୋଜନା ବ୍ୟତିତ ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ଡ଼ି.ବି.ଟି. (DBT) ର ସଫଳତା ସାର ଓ ବିହନ ଇତ୍ୟାଦି କ୍ଷେତ୍ରରେ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହା ଋଣ ବିତରଣ କ୍ଷେତ୍ରରେ ପ୍ରଖରତା, ସ୍କିମ୍ ଗୁଡ଼ିକର ଯାଞ୍ଚ ଓ ଋଣ ଆଦାନ ପ୍ରଦାନରେ ମୁଖ୍ୟ ଭୂମିକା ଗ୍ରହଣ କରିବ । ଏହା ମଧ୍ୟ ଋଣ ବିତରଣ କ୍ଷେତ୍ରରେ ଆଗୁଆ, ବିଭିନ୍ନ ସ୍କିମ୍‌ର ଦୋହରି କରଣର ଯାଞ୍ଚ ଓ ଋଣ ନେବା କ୍ଷେତ୍ରରେ ସଂସ୍କାର ଆଣିପାରିବ । ସଂଯୁକ୍ତ ଦାତା ସଂଗଠନ (JLG) (ଏହା ଏକ ଔପଚାରିକ ସଂଗଠନ, ଯେଉଁଥିରେ କି ବ୍ୟକ୍ତିଗତ ଭାବେ ହେଉ କିମ୍ବା ସଂଗଠନ ମାଧ୍ୟମରେ ହେଉ ବ୍ୟାଙ୍କ ଋଣ ପାଇବା ପାଇଁ ୪ରୁ୧୦ ଜଣ ଲୋକ ପରସ୍ପର ମିଶି ଏକ ସଂଗଠନ କରନ୍ତି) । ୨୦୦୫-୦୬ ମସିହାରେ ଭୂମିହୀନ ନାମମାତ୍ର ଚାଷୀଙ୍କୁ ଆର୍ଥିକ ରାଶି ପ୍ରଦାନ ନିମନ୍ତେ ନାବାର୍ଡ଼ ମାଧ୍ୟମରେ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଏହା ୨୦୦୯ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଆସୁଥିଲା । ଜେ.ଏଲ୍.ଜି (JLG)ରେ କୃଷକ ଓ ଅଣ କୃଷକ ମାନେ ସାମିଲ ହୋଇଥିଲେ । ମାତ୍ର ଭାରତ ସରକାର ୨୦୧୫-୧୬ ମସିହାରେ ଭୂମିହୀନ ଚାଷୀ ମାନଙ୍କ ପାଇଁ ଏକ ନୂତନ ଯୋଜନା ପ୍ରସ୍ତୁତ କଲେ । ଏହାର ଲକ୍ଷ୍ୟ ଥିଲା ନାବାର୍ଡ଼ ମାଧ୍ୟମରେ ପାଞ୍ଚଲକ୍ଷ ଭୂମିହୀନ କୃଷକ ମାନଙ୍କୁ ଅର୍ଥ ପ୍ରଦାନ କରିବା । ୩୦ ସେପ୍ଟେମ୍ବର ୨୦୧୬ରେ ଜେ.ଏଲ୍.ଜି (JLG) ଙ୍କ ସଂଖ୍ୟା ୧୮.୨୧ ଲକ୍ଷ ଏବଂ ପ୍ରଦାନ କରାଯାଇଥିବା ରାଶିର ମୋଟ ଋଣ ଟଙ୍କା ୧୮୦୦୫.୭୯ କୋଟିରେ ପହଞ୍ଚି ପାରିଥିଲା ।

**ଆସନ୍ତୁ ସମସ୍ତେ ମିଳିମିଶି ସରକାରଙ୍କର ଏହି ପ୍ରୟାସରେ ନିଜର ଯୋଗଦାନ ଦେବା ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ମାଧ୍ୟମରେ ପ୍ରାକୃତିକ ବିପର୍ଯ୍ୟୟରୁ ମୁକାବିଲା ପାଇଁ ମିଳୁଥିବା ସାହାଯ୍ୟର ସଦୁପଯୋଗ କରିବା ।**

## ସପ୍ତମ ସୂତ୍ର: କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ବିକାଶ ଯଥା:ଗୋପାଳନ, କୁକୁଡ଼ା ପାଳନ, ମହୁମାଛି ପାଳନ, ମତ୍ସ୍ୟ ପାଳନ, କୃଷି ବନୀକରଣ ଏବଂ ସମନ୍ୱିତ କୃଷିପ୍ରଣାଳୀ

କୃଷି ବ୍ୟତୀତ କୃଷକ ମାନଙ୍କର ଆୟ ବଢ଼ାଇବା ପାଇଁ ସରକାର ଅନ୍ୟାନ୍ୟ ଆଠଟି କାର୍ଯ୍ୟକ୍ରମ ଯଥା ପଶୁପାଳନ, କୁକୁଡା ପାଳନ, ମହୁମାଛି ପାଳନ, ମତ୍ସ୍ୟ ପାଳନ, କୃଷି ବନୀକରଣ ଓ ଗୋପାଳନ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ସରକାର ଦୃଢ଼ ଭାବରେ ବିଶ୍ୱାସ କରନ୍ତି ଯେ ଏସବୁ କ୍ଷେତ୍ରରେ ଉନ୍ନତି ହେଲେ ଚାଷୀର ଉପାର୍ଜନ ବୃଦ୍ଧି ପାଇବ ଯାହା ଫଳରେ ଗତ ୩ ବର୍ଷ ଭିତରେ ଏହା ସ୍ଥିରତା ଆଣିପାରିବ । ଏହାକୁ ଆଖି ଆଗରେ ରଖି ସରକାର ରାଷ୍ଟ୍ରୀୟ ଗୋକୁଳ ମିଶନ, ରାଷ୍ଟ୍ରୀୟ ଗୋ ମହିଷାଦି ଉତ୍ପାଦନ ମିଶନ, ଗୋ ସଂପଦ ବିକାଶ, ନୀଳକ୍ରାନ୍ତୀ, କୃଷି ବନୀକରଣ, ମହୁମାଛି ପାଳନ, କୁକୁଡ଼ା ପାଳନ ଏବଂ ସୌରଚାଳିତ ଶକ୍ତି ଉତ୍ପାଦନ ମିଶନ ଇତ୍ୟାଦି ଅନ୍ତର୍ଭୁକ୍ତ ।

### ରାଷ୍ଟ୍ରୀୟ ଗୋକୁଳ ମିଶନ :

ଦେଶୀ ଗାଈ ମାନଙ୍କୁ ବୈଜ୍ଞାନିକ ପଦ୍ଧତିରେ ଉତ୍ପାଦନ ବଢ଼ାଇବା ପାଇଁ ଏହି ମିଶନ ପ୍ରଥମ ଥରପାଇଁ ଭାରତରେ ପ୍ରତିଷ୍ଠା କରାଯାଇଛି । ଏହା ମାଧ୍ୟମରେ ୨୭ଟି ରାଜ୍ୟରେ ୩୫ ଗୋଟି ଯୋଜନା ଅନୁମୋଦନ କରାଯାଇଛି, ଯେଉଁଥିରେ କି ୩୧ଟି ଉନ୍ନତ କିସମ ମାତା ଗୋବଂଶ ଫାର୍ମର ବଂଶଗତ ପ୍ରଜନନ କ୍ଷେତ୍ର ଏବଂ ୩୦,୦୦୦ କୃତ୍ରିମ ପ୍ରଜନନ ମାଧ୍ୟମରେ ୭.୩ କୋଟି ଗର୍ଭାଧାରଣ କରାଯାଇ ପାରିଛି । ଏହା ସହ ଗୋ ବଂଶର ବିଶେଷ ସଂରକ୍ଷଣ ଯୋଗୁଁ ୧୪ଟି ଗୋକୁଳ ଗ୍ରାମ ମଧ୍ୟ ସ୍ଥାପନ ହୋଇପାରିଛି । ଏତଦ୍ ବ୍ୟତୀତ ଦେଶରେ ସ୍ୱଦେଶୀ ଗୋବଂଶ ସଂରକ୍ଷଣ ହେତୁ ଦୁଇଟି କାମଧେନୁ ପ୍ରଜନନ କେନ୍ଦ୍ର ଆନ୍ଧ୍ରପ୍ରଦେଶ ଓ ମଧ୍ୟପ୍ରଦେଶରେ ସ୍ଥାପନ କରାଯାଇପାରିଛି ।

### ରାଷ୍ଟ୍ରୀୟ ଗୋ ମହିଷାଦି ଉତ୍ପାଦନକ୍ଷମ ମିଶନ:

ଏହି ମିଶନ ମାଧ୍ୟମରେ ପ୍ରଥମ ଥର ପାଇଁ ରାଜ୍ୟରେ ୮.୮ କୋଟି ଦୁଧିଆଳୀ ମଇଁଷିମାନଙ୍କୁ UID ସହିତ ନକୁଳ ସ୍ୱାସ୍ଥ୍ୟ ପତ୍ର ପ୍ରଦାନ କରାଯାଇଛି, ଯାହାଦ୍ୱାରାକି ଠିକ୍ ସମୟରେ ସେମାନଙ୍କର ଚିକିତ୍ସା ଏବଂ ଉତ୍ପାଦନ ଶକ୍ତି ବଢ଼ାଇବା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ମା' ମଇଁଷିର ସଂଖ୍ୟା ବଢ଼ାଇବା ଏବଂ ଉତ୍ପାଦନ ଶକ୍ତି ବଢ଼ାଇବା ପାଇଁ ଦେଶରେ ୫୦ଗୋଟି ଭ୍ରୂଣ ସ୍ଥାନାନ୍ତରଣ କେନ୍ଦ୍ର ଏବଂ ଇନ୍‌ଭିଟ୍ରୋ ଫର୍ଟିଲାଇଜେସନ (IVF) କେନ୍ଦ୍ର ଖୋଲାଯାଇଛି । ଏହା ବ୍ୟତୀତ ଜାତୀୟ ସ୍ତରରେ ଏକ ଜିନୋମିକ୍ କେନ୍ଦ୍ର ସ୍ଥାପନ କରାଯାଇଛି, ଯାହାଦ୍ୱାରାକି ଦେଶୀ ପ୍ରଜାତିର ମଇଁଷିମାନଙ୍କର ଦୁଗ୍ଧ ଉତ୍ପାଦନ ଶକ୍ତି ବୃଦ୍ଧି ପାଇବ । ଏହିକ୍ରମରେ ନଭେମ୍ବର ୨୦୧୬ ମସିହାରେ ଇ-ପଶୁଧନ ହାଟ୍‌ପୋଟାଲ ପ୍ରଥମ ଥର ପାଇଁ ଦେଶରେ ସ୍ଥାପନ ହୋଇଥିଲା ଯେଉଁଥିରେ ଉନ୍ନତମାନର ଶୁକ୍ରାଣୁ କିଣାବିକା ହୋଇପାରିବ । ୨୦୧୭ ଜୁନ୍ ୧୨ ସୁଦ୍ଧା ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ୧୫୮୩୧ ପଶୁଙ୍କୁ ୪.୭୧ କୋଟି ଶୁକ୍ରାଣୁ ତଥା ୩୭୩ ଭ୍ରୂଣ ବିପଣନ ପାଇଁ ଏହି ପୋର୍ଟାଲରେ ଉପଲବ୍ଧ । ବର୍ତ୍ତମାନସୁଧା ମିଳିଥିବା ସୂଚନା ଅନୁଯାୟୀ ଏହି ବ୍ୟବସ୍ଥାରେ ୩କୋଟି ଶୁକ୍ରାଣୁ ଏବଂ ୧୦୦ ଦୁଧିଆଳୀ ଗାଈ ବିକ୍ରିବଟା ହୋଇସାରିଲାଣି ।

### ରାଷ୍ଟ୍ରୀୟ ଗୋପାଳନ ଯୋଜନା:

ଏହି କାର୍ଯ୍ୟକ୍ରମ, ରାଷ୍ଟ୍ରୀୟ ଗୋପାଳନ ଉନ୍ନୟନ ବୋର୍ଡ (NDDB) ମାଧ୍ୟମରେ ପରିଚାଳିତ ହେଉଛି ଯାହାକି ଉନ୍ନତ ଧରଣର ବଂଶ ବିସ୍ତାର କରୁଥିବା ଗୋମହିଷାଦି ଷଣ୍ଢମାନଙ୍କର ଉନ୍ନତି କରଣ ଓ ଗୋଖାଦ୍ୟ (ଘାସଚାଷ)ର ପ୍ରସାର କରିବା ଏହାର ମୂଳ ଲକ୍ଷ୍ୟ ।

### ଗୋପାଳନ ଉଦ୍ୟୋଗୀକରଣ ଉନ୍ନୟନ ଯୋଜନା (DEDS) :

ନାବାର୍ଡ ମାଧ୍ୟମରେ ଆତ୍ମନିର୍ଭରଶୀଳ ହେବା ପାଇଁ ଗୋପାଳନ କ୍ଷେତ୍ରରେ ଏହାର ଲକ୍ଷ୍ୟ ।

### ଗୋପାଳନ ସଂସ୍ଥାନ ପ୍ରସସ୍ତିକରଣ ପାଣ୍ଠି:

ଏହି ସଂସ୍ଥା ମାଧ୍ୟମରେ ଆଠହଜାର କୋଟି ରାଶି ବିନିମୟରେ ଗୋପାଳନ କ୍ଷେତ୍ରରେ ପ୍ରଶସ୍ତିକରଣ ଯୋଜନାକୁ ତିନିବର୍ଷ ମଧ୍ୟରେ ତ୍ୱରାନ୍ୱିତ କରାଯିବ ।

### ନୀଳକ୍ରାନ୍ତୀ:

ରାଷ୍ଟ୍ରୀୟ ମତ୍ସ୍ୟ ଉନ୍ନୟନ ଯୋଜନା ମାଧ୍ୟମରେ ଅନ୍ତଃରାଜ୍ୟ ମତ୍ସ୍ୟ ଉତ୍ପାଦନ, ସାମୁଦ୍ରିକ ମାଛର ଉନ୍ନୟନ, ଜଳ କୃଷି (Acquaculture)ର ସମନ୍ୱିତ ବିକାଶ ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏତଦ୍‌ବ୍ୟତୀତ ସରକାର ମଧ୍ୟ ଗଭୀର ଜଳରେ ମିଳୁଥିବା ମତ୍ସ୍ୟମାନଙ୍କର ଉନ୍ନୟନ ନୀଳକ୍ରାନ୍ତୀ ଯୋଜନାରେ ତା.୯.୩.୨୦୧୭ରିଖରେ ଆରମ୍ଭ କରିଛନ୍ତି । ଯାହାର ଲକ୍ଷ୍ୟ ରହିଛି ଦେଶୀ ଧିବରମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଏହି ଯୋଜନା ମାଧ୍ୟମରେ ଶତକଡ଼ା ୫୦ଭାଗ ପର୍ଯ୍ୟନ୍ତ ସହାୟତା ରାଶି ସୁବିଧା ଉପଲବ୍ଧ । ସମ୍ମାନୀୟ ପ୍ରଧାନମନ୍ତ୍ରୀ ତା.୨୮.୦୭.୨୦୧୭ରିଖରେ ରାମେଶ୍ୱରମ୍‌ଠାରେ ପାଞ୍ଚଜଣ ମତ୍ସ୍ୟ ଚାଷୀଙ୍କୁ ନେଇ ଏହି ଯୋଜନାର ଶୁଭାରମ୍ଭ କରିଥିଲେ ।

### କୃଷି ବନୀକରଣ ଉପମିଶନ:

ଏହି ମିଶନ ମାଧ୍ୟମରେ ସମସ୍ତଙ୍କ କ୍ଷେତରେ "Made for paid" ତଥା ଅନ୍ତଃଚାଷ, ତତ୍‌ସଙ୍ଗେସଙ୍ଗେ ମଧ୍ୟବର୍ତ୍ତୀ କାଳୀନ ବୃକ୍ଷରୋପଣ, ସାମୁହିକ ବୃକ୍ଷରୋପଣ ଇତ୍ୟାଦି ଉପରେ ଗୁରୁତ୍ୱ ଦିଆଯାଇଛି ଏବଂ ପତିତ ଜମିରେ ବୃକ୍ଷରୋପଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

### ମହୁମାଛି ପାଳନ ବିକାଶ:

ମହୁମାଛି ଉନ୍ନୟନ ପ୍ରକଳ୍ପଦ୍ୱାରା ବହୁ ସଂଖ୍ୟକ ଚାଷୀ ତଥା ମହୁମାଛି ପାଳକ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରିବାକୁ ସମର୍ଥ ହୋଇପାରୁଛନ୍ତି । ଏଥିସହିତ ମହୁମାଛି ଉଦ୍ୟୋଗୀ, ମହୁଉତ୍ପାଦନ ସଂସ୍ଥା, ଫାର୍ମ ଏବଂ କମ୍ପାନୀମାନେ ପଞ୍ଜିକୃତ ହୋଇଛନ୍ତି । ୨୦୧୧-୧୪ ମସିହା ମଧ୍ୟରେ ମହୁ ଉତ୍ପାଦନ ୨,୧୮,୯୫୦ ନିୟୁତ ଟନ୍ ଥିବାସ୍ଥଳେ ୨୦୧୪-୧୭ ମଧ୍ୟରେ ଶତକଡ଼ା ୨୦.୫୪ ଭାଗ ବୃଦ୍ଧିପାଇ ୨,୬୩,୯୩୦ ନିୟୁତ ଟନ୍‌ରେ ପହଞ୍ଚିପାରିଛି । ଏହାର ଉନ୍ନତି କରଣ ପାଇଁ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ସମନ୍ୱିତ ମହୁମାଛି ପାଳନ ଉନ୍ନୟନ କେନ୍ଦ୍ର ସ୍ଥାପନ ହେବାର ଲକ୍ଷ୍ୟ ରଖାଯାଇଛି ।

### ଗ୍ରାମୀଣ ଘର ଅଗଣାରେ କୁକୁଡ଼ା ଉନ୍ନୟନ ପ୍ରକଳ୍ପ:

ଗରିବ ଲୋକଙ୍କ ଅର୍ଥନୈତିକ ସହାୟତା ଏବଂ ଭଲ ପୁଷ୍ଟିପୋଷଣ ପାଇଁ ଏହି ସଂସ୍ଥା ଆରମ୍ଭ କରାଯାଇଥିଲା । ଏହା ମାଧ୍ୟମରେ ପ୍ରତ୍ୟେକ କୃଷକଙ୍କୁ ଚାରି ସପ୍ତାହ ହୋଇଥିବା ୪୫ଟି ଲେଖାଏଁ କୁକୁଡ଼ା ଚିଆଁ ଘର ଅଗଣାରେ ଚାଷ କରିବା ପାଇଁ ବିତରଣ କରାଯାଇଥାଏ । ପ୍ରତ୍ୟେକ ଲାଭାର୍ଥୀଙ୍କୁ କୁକୁଡ଼ା ରଖିବା ପାଇଁ ଝୁଡ଼ି, ରାତ୍ରୀ ଆଶ୍ରୟସ୍ଥଳ ଏବଂ କୁକୁଡ଼ାଖାଦ୍ୟ ମଧ୍ୟ ଦିଆଯାଇଅଛି ।

### ଗ୍ରୀଡ ସଂଯୁକ୍ତିକରଣ ଛାତ ଉପରେ ଛୋଟ ସୌରଶକ୍ତି କାର୍ଯ୍ୟକ୍ରମ:

ଏହି କାର୍ଯ୍ୟକ୍ରମରେ ସରକାର ଖାଲି ପଡିଥିବା ଜମି ଓ ବ୍ୟବହାର ହେଉନଥିବା ଜମିରେ ସୌରଶକ୍ତି ଉତ୍ପାଦନ କେନ୍ଦ୍ର ସ୍ଥାପନ କରିଛନ୍ତି । ଏହି ଯୋଜନାରେ ଉତ୍ପନ୍ନ ହେଉଥିବା ବିଜୁଳି ଶକ୍ତି ସିଧାସଳଖ ଗ୍ରୀଡ୍‌କୁ ପଠାଯାଏ । ଏଠାରୁ ଉତ୍ପାଦିତ ବିଜୁଳିର ମୂଲ୍ୟ କୃଷକମାନଙ୍କୁ ଅତିରିକ୍ତ ଆୟର ପନ୍ଥା ପ୍ରଦାନ କରିଥାଏ । ଏତଦ୍ ବ୍ୟତୀତ ସୌରଶକ୍ତି ଚାଳିତ ପମ୍ପ ମଧ୍ୟ ରିହାତି ଦରରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥାଏ ।

**ଆସନ୍ତୁ ସମସ୍ତେ ମିଳିମିଶି କୃଷିର ବିକାଶ ପାଇଁ ସଂଘବଦ୍ଧ ଭାବେ ପ୍ରଧାନମନ୍ତ୍ରୀଙ୍କ ସହିତ "ସଂକଳ୍ପରୁ ସିଦ୍ଧି" ପାଇଁ ଶପଥ ନେବା ଯେ ୨୦୨୨ ମସିହାରେ କୃଷକମାନଙ୍କର ଆୟକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟ ନେଇ ଆଗକୁ ଅଗ୍ରସର ହେବା ।**

-ଜୟ ହିନ୍ଦ-

# ସଂକଳ୍ପରୁ ସିଦ୍ଧି

ନବ ଭାରତ ନିର୍ମାଣ (୨୦୧୭-୨୦୨୨)



# ନବ ଭାରତ ନିର୍ମାଣ ପାଇଁ ସଂକଳ୍ପ

**ଭାରତ ନିର୍ମାଣ ପାଇଁ ଆସନ୍ତୁ ସମସ୍ତେ ମିଳିମିଶି  ସଙ୍କଳ୍ପ ନେବା ।**
**୧୯୪୨ ମସିହାରେ ଆମ ସ୍ୱାଧୀନତା ସଂଗ୍ରାମୀମାନେ ଭାରତ ଛାଡ ଆନ୍ଦୋଳନର**
**ଶପଥ ନେଇଥିଲେ ଏବଂ ୧୯୪୭ରେ ଭାରତ ସ୍ୱାଧିନତା ଲାଭ କରିଥିଲା ।**

**ଆସନ୍ତୁ ସମସ୍ତେ ମିଳିମିଶି ୨୦୨୨ ମସିହାରେ ନବଭାରତ ନିର୍ମାଣ ପାଇଁ ଶପଥ ନେବା ।**

- ଆସନ୍ତୁ ସମସ୍ତେ ମିଳିମିଶି ସଂକଳ୍ପ ନେବା ସ୍ୱଚ୍ଛ ଭାରତ ଗଠନ କରିବା
- ଆସନ୍ତୁ ସମସ୍ତେ ମିଳିମିଶି ସଂକଳ୍ପ ନେବା ଗରିବମୁକ୍ତ ଭାରତ ଗଠନ କରିବା
- ଆସନ୍ତୁ ସମସ୍ତେ ମିଳିମିଶି ସଂକଳ୍ପ ନେବା ଭ୍ରଷ୍ଟାଚାରମୁକ୍ତ ଭାରତ ଗଠନ କରିବା
- ଆସନ୍ତୁ ସମସ୍ତେ ମିଳିମିଶି  ସଂକଳ୍ପ ନେବା ଆତଙ୍କବାଦମୁକ୍ତ ଭାରତ ଗଠନକରିବା
- ଆସନ୍ତୁ ସମସ୍ତେ ମିଳିମିଶି ସଂକଳ୍ପ ନେବା ସାମ୍ପ୍ରଦାୟିକମୁକ୍ତ ଭାରତ ଗଠନ କରିବା
- ଆସନ୍ତୁ ସମସ୍ତେ ମିଳିମିଶି  ସଂକଳ୍ପ ନେବା ଜାତିଗତ ଭେଦଭାବମୁକ୍ତ ଭାରତ ଗଠନ କରିବା

**ଆସନ୍ତୁ ସମସ୍ତେ ମିଳିମିଶି ସଂକଳ୍ପ ନେବା ୨୦୨୨ ସୁଦ୍ଧା କୃଷି କ୍ଷେତ୍ରରୁ ମିଳୁଥିବା ଆୟକୁ ଦ୍ୱିଗୁଣିତ କରିବା**

- ଆସନ୍ତୁ ସମସ୍ତେ ମିଳିମିଶି  ସଂକଳ୍ପ ନେବା ଫସଲର ଅମଳ ସୁରକ୍ଷା ପାଇଁ ଫସଲ ବୀମା କରିବା
- ଆସନ୍ତୁ ସମସ୍ତେ ମିଳିମିଶି ସଂକଳ୍ପ ନେବା ମାଟିର ସୁରକ୍ଷା ନିମନ୍ତେ ଜୈବିକ କୃଷିକୁ ଆପଣେଇବା ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ପତ୍ର କରିବା
- ଆସନ୍ତୁ ସମସ୍ତେ ମିଳିମିଶି ସଂକଳ୍ପ ନେବା ଅଧିକ ଅମଳକ୍ଷମ ବିହନ ଓ ଚାରା ରୋପଣ କରିବା
- ଆସନ୍ତୁ ସମସ୍ତେ ମିଳିମିଶି ସଂକଳ୍ପ ନେବା ସମନ୍ୱିତକୃଷି ପ୍ରଣାଳୀ ରେ କୃଷି କାର୍ଯ୍ୟକୁ ସଂପାଦନ କରିବା
- ଆସନ୍ତୁ ସମସ୍ତେ ମିଳିମିଶି ସଂକଳ୍ପ ନେବା କୃଷି ଉତ୍ପାଦନର ମୂଲ୍ୟବୃଦ୍ଧି ତଥା ସୁରକ୍ଷିତ ଉପାୟରେ ଖାଦ୍ୟଶସ୍ୟକୁ ସାଇତି ରଖିବା

**ନୂଆ ଭାରତ ଗଠନ ପାଇଁ ଆମେ ସମସ୍ତେ ମନ-ପ୍ରାଣ ଦେଇ ଉତ୍ସର୍ଗୀକୃତ ହେବା**